**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**27 August - 2024**

**News Editor : *Itishree Singh Rathaur***

## ରାଜ୍ୟସଭା ଉପ ନିର୍ବାଚନ-ନାମାଙ୍କନ ପ୍ରତ୍ୟାହାର

ରାଜ୍ୟସଭା ଉପ ନିର୍ବାଚନ ପାଇଁ ଆଜି ନାମାଙ୍କନ ପ୍ରତ୍ୟାହାର ଲାଗି ତାରିଖ ଧାର୍ଯ୍ୟ ହୋଇଛି । ଚଳିତମାସ ୨୨ ତାରିଖରେ ଓଡ଼ିଶାରେ ଖାଲି ପଡିଥିବା ଏକମାତ୍ର ଆସନ ପାଇଁ ୨ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ବିଜେପି ପକ୍ଷରୁ ମମତା ମହାନ୍ତ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ସ୍ୱାଧୀନଭାବେ ଜଗନ୍ନାଥ ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଉଭୟ ପ୍ରାର୍ଥୀଙ୍କର ପ୍ରାର୍ଥୀପତ୍ର କାଏମ ରହିଥିବା ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଆଜି କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର ନକଲେ ଆସନ୍ତା ୩ ତାରିଖରେ ଉପ ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ଅଛି ।

## ଆକାଂକ୍ଷୀ ଜିଲ୍ଲାରେ ପ୍ରଥମସ୍ଥାନ

ଦେଶର ୧୧୨ଟି ଆକାଂକ୍ଷୀ ଜିଲ୍ଲାରେ ଚାଲିଥିବା ସ୍ୱାସ୍ଥ୍ୟସେବା ଓ ପୁଷ୍ଟି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ପ୍ରଥମସ୍ଥାନ ପାଇଛି । ନୀତିଆୟୋଗର ରିପୋର୍ଟ ଅନୁସାରେ ଫେବୃୟାରୀ ମାସରେ କରାଯାଇଥିବା ସର୍ଭେ ଅନୁସାରେ ଡେଲ୍‌ଟା ର୍‌ୟାଙ୍କିଂର ରିପୋର୍ଟ ଆଧାରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କନ୍ଧମାଳ ଜିଲ୍ଲା ଦେଶରେ ପ୍ରଥମସ୍ଥାନରେ ଥିବାବେଳେ ଦ୍ୱିତୀୟ ସ୍ଥାନରେ ଛତିଶଗଡର ନାରାୟଣପୁର ଏବଂ ଏହା ପରେ ଆସାମର

ଗୋଲପରା, ପଞ୍ଜାବର ଫିରାଜପୁର ଓ ଝାଡ଼ଖଣ୍ଡର ରାମଗଡ ଜିଲ୍ଲା ରହିଛି । ସ୍ୱାସ୍ଥ୍ୟସେବାକୁ ଉନ୍ନତିକରଣ ଏବଂ ମଜଭୁତ କରିବା ପାଇଁ ୨୦୧୮ ମସିହାରୁ ନୀତିଆୟୋଗ ପକ୍ଷରୁ ଡେଲ୍‌ଟା ର୍‍ୟାଙ୍କିଂ ବ୍ୟବସ୍ଥା ଲାଗୁ ହୋଇଛି ।

## ଏସ୍‌ଆଇଟି ବୈଠକ

କଳାଧନ ସମ୍ପର୍କିତ ଏସ୍‌ଆଇଟିର ବୈଠକ ଆସନ୍ତାକାଲି ଅଧ୍ୟକ୍ଷ ଜଷ୍ଟିସ ଅରଜିତ ପଶାୟତଙ୍କର ଅଧ୍ୟକ୍ଷତାରେ କଟକଠାରେ ଅନୁଷ୍ଠିତ ହେବ । ବୈଠକରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଗୁଇନ୍ଦା ବିଭାଗ, ଆୟକର, ବାଣିଜ୍ୟକର, ପୋଲିସ ଏବଂ ଆର୍ଥିକ ଅପରାଧ ନେଇ ତଦନ୍ତ କରୁଥିବା ବିଭିନ୍ନ ସଂସ୍ଥାର ଅଧିକାରୀମାନେ ଯୋଗଦେବେ । ମିଳିଥିବା ସୂଚନା ଅନୁସାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଏହି ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଅକ୍ଷୟଶକ୍ତି-ଆଦାନୀ

ଓଡ଼ିଶା ଅକ୍ଷୟଶକ୍ତିର ଉତ୍ସ ହୋଇଥିବାରୁ ନୟାଗଡ, ବରଗଡ, ବଲାଙ୍ଗୀର ଜିଲ୍ଲା ଗୁଡ଼ିକରେ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ କରିବା ପାଇଁ ବିପୁଳ ସୁଯୋଗ ରହିଛି ବୋଲି ଶିଳ୍ପସଂସ୍ଥା ଆଦାନୀ ପକ୍ଷରୁ କୁହାଯାଇଛି । ନୟାଗଡର ବିରିଗଡ ଅକ୍ଷୟଶକ୍ତିର ପେଣ୍ଟସ୍ଥଳୀ ହୋଇଥିବାରୁ ଏହି ସ୍ଥାନରେ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ କରି ବିଦ୍ୟୁତ୍ ଉତ୍ପାଦନ କରିବାକୁ ଆଦାନୀ ଗ୍ରୁପ୍ ଆଗ୍ରହୀ ଥିବା ଜଣାପଡିଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗତକାଲି ଲୋକସେବା ଭବନରେ ଆଦାନୀ ଏନର୍ଜି ଗ୍ରୁପ୍ ସହ

ଅକ୍ଷୟଶକ୍ତି ଉତ୍ପାଦନ ନେଇ ଅନୁଷ୍ଠିତ ବୈଠକରେ ଏହି ସମ୍ପର୍କରେ ବିସ୍ତୃତ ଆଲୋଚନା ହେବା ସହିତ ପାହାଡ଼ିଆ ଅଞ୍ଚଳରେ ପମ୍ପ ସାହାଯ୍ୟରେ ପାଣି ଉଠାଯାଇ ଗୋଟିଏ ଜାଗାରେ ଜଳକୁ ସଂରକ୍ଷିତ ରଖି ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବା ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଥଲା ।

## ଆଇନ୍ ମନ୍ତ୍ରୀ-ମା' ଭଗବତୀ

ଆଇନ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗତକାଲି ବାଣପୁରସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା' ଭଗବତୀ ମନ୍ଦିର ପରିଦର୍ଶନରେ ଯାଇ ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିବା ସହିତ ପ୍ରଶାସନିକ ଅନୁମତି ମିଳିନଥିବା କେତେକ କାର୍ଯ୍ୟକୁ ଅନୁମୋଦନ କରିଥିବା ଜଣାପଡିଛି ।

## ବିଏଡ୍ ଆବେଦନ ପ୍ରକ୍ରିୟା

୫ବର୍ଷୀଆ ଇଣ୍ଟିଗ୍ରେଟେଡ, ବିଏଡ୍ ଓ ଏମ୍ଏଡ୍ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ଦିନରେ ଗତକାଲି ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଆବେଦନ କରିଥିବା ଜଣାପଡିଛି । ଆସନ୍ତା ସେପ୍ଟେମ୍ବର ମାସ ୫ ତାରିଖ ନାମଲେଖା ପାଇଁ ଆବେଦନର ଶେଷ ତାରିଖ ରହିଛି । ଆସନ୍ତା ମାସ ୧୨ ତାରିଖରେ ପ୍ରଥମ ମେଧାତାଲିକା ପ୍ରକାଶ ପାଇବ । ୧୩ ତାରିଖରୁ ୧୭ ତାରିଖ ମଧ୍ୟରେ ନାମଲେଖା ଯିବ ବୋଲି ସାମ୍ସ ୱେବ୍ସାଇଟ୍ ସୂଚନାରୁ ଜଣାପହିଛି । ରାଜ୍ୟର ୪ଟି ବିଶ୍ୱବିଦ୍ୟାଳୟର ୨୦୦ଟି ସିଟ୍ ପାଇଁ ଏହି ନାମଲେଖା ପ୍ରକ୍ରିୟା ଜାରି ରହିଛି ।

## ବାସ୍କେଟବଲ

ଓଡ଼ିଶା ରାଜ୍ୟ ବାସ୍କେଟବଲ ଆସୋସିଏସନ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ଉପକନିଷ୍ଠ ବାସ୍କେଟବଲ ଚାମ୍ପିୟନସିପ୍ ଉଦ୍‌ଯାପିତ ହୋଇଛି । ବାଳିକା ବିଭାଗରେ ପୁରୀ ଓ ବାଳକ ବିଭାଗରେ ସମ୍ବଲପୁର ଚାମ୍ପିୟନ ହୋଇଛନ୍ତି । ଗତକାଲି ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବାଳିକା ବିଭାଗରେ ପୁରୀ ୨୮-୨୦ ପଏଣ୍ଟରେ କିସ୍‌କୁ ହରାଇ ଚାମ୍ପିୟନ ହୋଇଥିବାବେଳେ ବାଳକ ବିଭାଗରେ ସମ୍ବଲପୁର ୬୫-୩୪ ପଏଣ୍ଟରେ ବାଲେଶ୍ୱରକୁ ପରାସ୍ତ କରି ଚାମ୍ପିୟନ ହୋଇଛି ।

# ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ରହିଥିବା ଲଘୁଚାପ ଘନୀଭୂତ ହୋଇ ସୁଦୃଶ ଲଘୁଚାପରେ ପରିଣତ ହୋଇଛି । ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଏହା ଗତି କରି ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଦେଇ ଝାଡ଼ଖଣ୍ଡ ଆଡେ ଗତି କରିବାର ସମ୍ଭାବନା ରହିଛି । ଲଘୁଚାପର ପ୍ରଭାବରେ ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଅଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ସେହିପରି ଆସନ୍ତା ଗୁରୁବାର ଦିନ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ କହିଛି । ଲଘୁଚାପର ପ୍ରଭାବରେ ଶୁକ୍ରବାରଠାରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷାର ପରିମାଣ ବୃଦ୍ଧି ପାଇବ ଏବଂ ଆସନ୍ତାମାସ ୩ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡା, ସୁନ୍ଦରଗଡ,

ସମ୍ବଲପୁର ଓ ଦେବଗଡ ଜିଲ୍ଲାରେ ଆଜି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଜାରିକରିଛି ।